# ତଲଖ ପୋଖରୀ ଗ୍ରାମ ପଞ୍ଚାୟତର ଉଦ୍ୟୋଗରେ ଖାଦ୍ୟ ସୁରକ୍ଷା ଓ ପୁଷ୍ଟିର ମାନ ଉନ୍ନୟନର ଏକ ସଂକ୍ଷିପ୍ତ ବିବରଣୀ

( ୨୦୧୫ ଅଗଷ୍ଟ ଠାରୁ ୨୦୧୭)

**କାର୍ଯ୍ୟକ୍ରମ – ଖାଦ୍ୟ ସୁରକ୍ଷା, ଜୀବନଜୀବିକା ଓ ପୃଷ୍ଟିର ମାନ ଉନ୍ନୟନ**



ସହଯୋଗିତା – ଏହେଡ୍ ଇନିସିଏଟିଭସ୍ ପ୍ରତିଷ୍ଠାନିକ ସଦସ୍ୟ

କ୍ରେଫଟା (ଯଶିପୁର) ଓ ପଲ୍ଲୀଶ୍ରୀ କ୍ଲବ୍ (କୁମୁଡାଶୋଳ)

# ତଲଖ ପୋଖରୀ ଗ୍ରାମ ପଞ୍ଚାୟତର ଉଦ୍ୟୋଗରେ ଖାଦ୍ୟ ସୁରକ୍ଷା ଓ ପୁଷ୍ଟିର ମାନ ଉନ୍ନୟନର ଏକ ସଂକ୍ଷିପ୍ତ ବିବରଣୀ

( ୨୦୧୫ ଅଗଷ୍ଟ ଠାରୁ ୨୦୧୭)

**କାର୍ଯ୍ୟକ୍ରମ – ଖାଦ୍ୟ ସୁରକ୍ଷା, ଜୀବନଜୀବିକା ଓ ପୃଷ୍ଟିର ମାନ ଉନ୍ନୟନ**



**ସହଯୋଗିତା – ଏହେଡ୍ ଇନିସିଏଟିଭସ୍ ପ୍ରତିଷ୍ଠାନିକ ସଦସ୍ୟ**

**କ୍ରେଫଡା (ଯଶିପୁର) ଓ ପଲ୍ଲୀଶ୍ରୀ କ୍ଲବ୍ (କୁମୁଡାଶୋଳ)**

## ସଂକ୍ଷେପରେ ସଂଗଠନ ବିବରଣୀ

AHEAD Initiatives (Addressing Hunger, Empowerment & Development)

ଏହେଡ୍ ଇନିସିଏଟିଭିସ ଏକ କେନ୍ଦ୍ରୀୟ ସରକାରର କମ୍ପାନୀ ଏକ୍ଟ ୧୯୫୬ର ୨୫ତମ ଧାରା ଅନୁସାରେ ରେଜିଷ୍ଟ୍ରିଭୁକ୍ତ। ମୁଖ୍ୟ କାର୍ଯ୍ୟାଳୟ ୩୨ ୧ ୬, ଗରିଆହାଟ ରୋଡ୍ (ଏସ୍), କଲିକତା – ୭୦୦୦୩୧ । ବର୍ତ୍ତମାନ ଏହି ସଂସ୍ଥା ପଶ୍ଚିମବଙ୍ଗର ୯ଟି ଜିଲ୍ଲା, ଝାରଖଣ୍ଡର ୧ଗୋଟି ଜିଲ୍ଲା ଏବଂ ଓଡିଶାର ୧ ଗୋଟି ଜିଲ୍ଲାରେ ତାର କାର୍ଯ୍ୟକ୍ରମ କରି ଆସୁଅଛି । ସଂସ୍ଥା ମୁଖ୍ୟତଃ ୨ଟି କାର୍ଯ୍ୟକ୍ରମ କରିଥାଏ।

1 Food, Nutrition & Livelihood Security
2 Education

## PALLISHREE CLUB

ପଲ୍ଲୀଶ୍ରୀ କ୍ଲବ୍ ଏକ ଗ୍ରାମାଞ୍ଚଳ ସ୍ୱେଚ୍ଛାସେବୀ ସଂସ୍ଥା । ଏହା ସରକାରଙ୍କ ସୋସାଇଟିଜ୍ ରେଜିଷ୍ଟ୍ରେସନ ଏକ୍ଟ ୧୮୬୦ (XXI) - ଅନୁସାରେ ରେଜିଷ୍ଟ୍ରିଭୁକ୍ତ। ଏହା ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ, କୃଷି ଓ କୃଷକ ସଶକ୍ତିକରଣ, ଯୁବା ଓ ମହିଳା ସଶକ୍ତିକରଣ, ଗ୍ରାମାଞ୍ଚଳକ୍ରୀଡା, ସାଂସ୍କୃତିକ ଓ ଜନସଚେତନତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଅଛି । ବର୍ତ୍ତମାନ ଏହେଡ୍ ଇନିସିଏଟିଭସ୍ କଲକତା, କ୍ରେଫ୍‌ଡା ଯଶିପୁର୍ ସହଯୋଗିତା ସଂସ୍ଥା ରୂପେ ତଲଖପୋଖରୀ ଗ୍ରା.ପ. ରେ କାର୍ଯ୍ୟରତ ।

### CREFTDA ( Centrefor Education, Forest & Tourism Development Agency )

କ୍ରେଫ୍‌ଡା ଏକ ବେସରକାରୀ ସଂସ୍ଥା । ଏହା ସରକାରଙ୍କ ସୋସାଇଟିଜ୍ ରେଜିଷ୍ଟ୍ରେସନ୍ ଏକ୍ଟ ୧୮୬୦ (XXI) ଦ୍ୱାରା ରେଜିଷ୍ଟ୍ରିଭୁକ୍ତ। କ୍ରେଫ୍‌ଡାର କାର୍ଯ୍ୟାଳୟ ଅନ୍ତର୍ଗତ ଯଶିପୁର ବ୍ଲକର ଯଶିପୁର (ପଦମପୁର) ଠାରେ ଅବସ୍ଥିତ । ଏହା ମୁଖ୍ୟତଃ ଶିଶୁ ସୁରକ୍ଷା ଓ ଥଇଥାନ, ଜଙ୍ଗଲଜମି ଆଇନ୍ ଓ ଅଧିକାର ସହିତ ଜିଲ୍ଲାରେ ଲୋକଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଖାଦ୍ୟ ସୁରକ୍ଷା, ପଞ୍ଚାୟତରାଜ ଓ ମହିଳା ସଶକ୍ତିକରଣ ଆଦି କାର୍ଯ୍ୟକ୍ରମ କରିଆସୁଅଛି । ୨୦୧୫ରେ କ୍ରେଫ୍‌ଡା ସଂସ୍ଥା ଏହେଡ୍ ଇନିସିଏଟିଭସ୍, କଲକତାର ପ୍ରତିଷ୍ଠାନିକ ସଦସ୍ୟ ପଦ ଗ୍ରହଣ କରିଅଛି । ବର୍ତ୍ତମାନ କ୍ରେଫ୍‌ଡା, କୁସୁମୀ ବ୍ଲକ୍‌ର ପଲ୍ଲୀଶ୍ରୀକ୍ଲବ୍ କୁମୁଡାଶୋଳର ସହଯୋଗିତା ଓ ତଲଖପୋଖରୀ ଗ୍ରାମ ପଞ୍ଚାୟତର ଯୌଥ ଉଦ୍ୟୋଗରେ ଉକ୍ତ ପଞ୍ଚାୟତରେ କାର୍ଯ୍ୟରତ ।

## ଅଯ୍ୟମାରମ୍ଭ (Origin)

ଯଶୀପୁରସ୍ଥିତ ବେସରକାରୀ ସଂସ୍ଥା କ୍ରେଫଂଡା ୨୦୧୫ ମସିହାରେ ଏହେଡ୍ ଇନିସିଏଟିଭସ୍, କଲିକତାର ସଦସ୍ୟ ହେଲା । ସଦସ୍ୟ ହେଲାପରେ କୁସୁମୀ ବ୍ଲକ୍‌ରେ ପ୍ରଥମେ ଖାଦ୍ୟ ସୁରକ୍ଷା ଓ ପୃଷ୍ଟିର ମାନ ଉନ୍ନୟନ (F.S.) କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହେଲା । ଯେହେତୁ କୁସୁମୀ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ହେବ ତେଣୁ କ୍ରେଫଂଡା ଏହି ବ୍ଲକ୍‌ର ସ୍ୱେଚ୍ଛାସେବୀ ସଂସ୍ଥା ପଲ୍ଲୀଶ୍ରୀ କ୍ଲବ୍, କୁମୁଡାଶୋଳକୁ ସହଯୋଗି ସଂସ୍ଥାରୂପେ ଜଡିତ କଲା । ତତ୍‌ପରେ ଏହେଡ୍ ଇନିସିଏଟିଭ୍‌ସ୍, କ୍ରେଫଂଡା ଏବଂ ପଲ୍ଲୀଶ୍ରୀ କ୍ଲବ୍‌ର କର୍ମକର୍ତ୍ତାମାନେ କୁସୁମୀ ବ୍ଲକ୍‌ର ବି.ଡି.ଓ. ଏବଂ ବିଭିନ୍ନ ବିଭାଗ ଯଥା – ଶିଶୁ ବିକାଶ ଯୋଜନା, ଜଙ୍ଗଲ ବିଭାଗ, କୃଷି ବିଭାଗ, ପଶୁ ସମ୍ପଦ ଅଧିକାରୀ ମାନଙ୍କୁ ସାକ୍ଷାତ କରି ଉକ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ । ୨୦୧୧ ମସିହା ଜନଗଣନା ସର୍ଭେ ଅନୁସାରେ ଶିକ୍ଷିତ ମହିଳା ସଂଖ୍ୟାହାର କମ୍‌ଥିବା ତିନୋଟି ଗ୍ରା.ପ. ପଞ୍ଚାୟତ ଯଥା- ଚୁଆପାଣି, ବଡହାତ୍‌ନାବେଡା ଓ ତଲଖିପୋଖରୀ ଗ୍ରାମ ପଞ୍ଚାୟତରେ ସରପଞ୍ଚ, ପି.ଇ.ଓ., ପି.ଏସ୍.ମେମ୍ବର, ୱାଡସଭ୍ୟ /ସଭ୍ୟା, ଗାଁମୁଖିଆ ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିମାନଙ୍କୁ ନେଇ ପ୍ରତ୍ୟେକ ପଞ୍ଚାୟତରେ ଏକ ଜନସଭା ହୋଇଥିଲା । ସଭାରେ ଏହେଡ୍ ଇନିସିଏଟିଭସ୍, କ୍ରେଫଂଡା ଓ ପଲ୍ଲୀଶ୍ରୀ କ୍ଲବ୍‌ର କର୍ମକର୍ତ୍ତାମାନେ ଉକ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ । ତିନୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ତଲଖିପୋଖରୀ ଗ୍ରାମ ପଞ୍ଚାୟତ ଅଧିକ ଆଗ୍ରହ ପ୍ରକାଶ କରି କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ପ୍ରଥମେ ପଞ୍ଚାୟତ ସ୍ତରରେ ସୁପାରିଶ କରିଥିଲେ । ତତ୍‌ଦାନୁସାରେ ୨୦୧୫ ଅକ୍ଟୋବର ମାସରେ ତଲଖି ପୋଖରୀ ଗ୍ରାମ ପଞ୍ଚାୟତ ଏବଂ ଏହେଡ୍ ଇନିସିଏଟିଭସ୍, କଲକତା, କ୍ରେଫଂଡା ଯଶିପୁର ଏବଂ କୁସୁମୀ ବ୍ଲକ୍‌ର ପଲ୍ଲୀଶ୍ରୀ କ୍ଲବ୍, କୁମୁଡାଶୋଳର ଯୌଥ ଉଦ୍ୟୋଗରେ କାମ କରିବା ପାଇଁ ଏକ ଚୁକ୍ତିନାମା (**MOU**) ସ୍ୱାକ୍ଷରିତ ହୋଇଥିଲା । ତାହା ଅନୁସାରେ କ୍ରେଫଂଡା ସଂସ୍ଥା, ପଲ୍ଲୀଶ୍ରୀ କ୍ଲବ୍ ଏବଂ ପଞ୍ଚାୟତର ଯୌଥ ଉଦ୍ୟୋଗରେ ୨୦୧୫ ଅକ୍ଟୋବର ମାସରୁ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ କରି ଏପର୍ଯ୍ୟନ୍ତ ଚାଲୁ ଅଛି ।









**କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ (Objective)**

❖ ପଞ୍ଚାୟତ ବ୍ୟବସ୍ଥା ବା ମାଧ୍ୟମ ଦ୍ୱାରା ଗରୀବ ଲୋକଙ୍କ ଖାଦ୍ୟ ସୁରକ୍ଷା ବଢ଼ାଇବା ଏବଂ ପୃଷ୍ଟିର ମାନ ବଢ଼ାଇବା ।



- ❖ ଗରୀବ ପରିବାରର ଜୀବନ ଜୀବିକାର ମାନ ଉନ୍ନୟନ କରିବା ।
- ❖ ଅପପୃଷ୍ଟି ଓ ଖାଦ୍ୟ ସଙ୍କଟକୁ ଦୂର କରିବା ସଙ୍ଗେସଙ୍ଗେ ପଞ୍ଚାୟତର ବିଭିନ୍ନ ପ୍ରକ୍ରିୟା ଓ ବ୍ୟବସ୍ଥା ଗୁଡିକର ସକ୍ଷମତା ଓ ପରସ୍ପର ସମନ୍ୱୟ ବଢ଼ାଇବା ।



- ❖ ଜୀବନଜୀବିକାର ମାନବୃଦ୍ଧି, ପଞ୍ଚାୟତ ସଶକ୍ତିକରଣ, ତଥା ମହିଳା ସଶକ୍ତିକରଣ ନିମିତ୍ତ ସ୍ୱୟଂ ସହାୟକ ଗୋଷ୍ଠୀ, କାର୍ଯ୍ୟକାରୀ ଗୋଷ୍ଠୀ ଓ ଆଗ୍ରହୀ ମହିଳାମାନଙ୍କୁ ବିଭିନ୍ନ ତାଲିମ ଦେବା ସହିତ ଆତ୍ମ ରୋଜଗାରକ୍ଷମ ହେବାକୁ ପ୍ରବର୍ତ୍ତାଇବା ।
- ❖ ଗ୍ରାମ୍ୟ ଐତିହ୍ୟ ଓ ସଂସ୍କୃତିକୁ ଭିତ୍ତି କରି ସର୍ବାଙ୍ଗିନ ଉନ୍ନୟନ କରାଇବା ଏବଂ ପରମ୍ପରା ଓ ଏକତାକୁ ପୁନଃ ସକ୍ରିୟ ଦିଗରେ ଜାଗରଣ ସୃଷ୍ଟି କରିବା ।
- ❖ ପଞ୍ଚାୟତରାଜ ବ୍ୟବସ୍ଥାକୁ ସଶକ୍ତିକରଣ କରିବା ଏବଂ ବିକେନ୍ଦ୍ରିକରଣ କରିବା ଦିଗରେ ଗୁରୁତ୍ୱାରୋପ ଦେବା ।



**ଚଳଚିତ୍ର ପ୍ରଦର୍ଶନ ( LCD Show)**

ତଲଖପୋଖରୀ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମ / ପଡାରେ ଲୋକମାନଙ୍କୁ LCD Show ପ୍ରଦର୍ଶନ କରି କୃଷି, ପଶୁପାଳନ, ମାଛଚାଷ, ଜୈବିକ ପ୍ରଣାଳୀରେ ଚାଷ, ଘରୋଇ ବଗିଚା, 'ଲବଗିଚା ଆଦି ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଉପଲବ୍ଧ ସହିତ ଜନସଚେତନତା କରାଯାଇଥିଲା । ତାଛଡା Show ମାଧ୍ୟମରେ ସମାଜରେ ଚାଲିଥିବା କୁସଂସ୍କାର, ଡାହାଣୀ-ଗୁଣିଗାରେଡି, ବାଲ୍ୟ ବିବାହ (Early Marriage) ବିଶୁଦ୍ଧ ପାନୀୟଜଳ, ହାଣ୍ଡିଆ-ମଦ ନିଶାର କୁପ୍ରଭାବ, ନିଜ ଜୀବନଜୀବିକାର ମାନ ବୃଦ୍ଧି ଆଧାରିତ କେତେକ ସାନ୍ତାଳୀ ଭାଷା LCD Show କରି ଜନଜାଗୃତି କରାଯାଇଥିଲା ।

## ବିଭିନ୍ନ ଉପକାର୍ଯ୍ୟ କ୍ଷେତ୍ରରେ ଦିଗ (Process)



- ❖ ଖାଦ୍ୟ ସୁରକ୍ଷା ଓ ପୁଷ୍ଟିର ମାନ ଉନ୍ନୟନ ଆଣିବା ପାଇଁ ପ୍ରାକୃତିକ ସଂପଦକୁ ସୁବିନିଯୋଗ କରିବା।
- ❖ ଅଳ୍ପ ପରିମାଣ ଜାଗାରେ ଗରିବ ପରିବାର ଘରୋଇ ବଗିଚ୍ଚ କରି ଜୈବିକ ପଦ୍ଧତିରେ ପନିପରିବା ଚାଷ କରି ପୁଷ୍ଟିର ମାନ ବଢ଼ାଇବା।
- ❖ ଗ୍ରାମ୍ୟ ଅନାବାଦି ଜମି, ନିଜଜମି, ଭାଗଚାଷ ଜମି, ପଡିଆ, ପୋଖରୀହୁଡା, ଆଦିରେ ଗୋଷ୍ଠୀ ଭିତ୍ତିକ ଚାଷ କରିବାର ଆଗ୍ରହ ସୃଷ୍ଟି କରିବା।



- ❖ ବିଭିନ୍ନ ପ୍ରକାର ଡାଲି ଜାତୀୟ, ତେଲ ଜାତୀୟ ଓ ଦାନାଶସ୍ୟ ଉତ୍ପାଦନ ବଢ଼ାଇବାର ପ୍ରୟାସ।
- ❖ ଜୈବିକ ଚାଷ-ପ୍ରଣାଳୀ, ଦେଶୀ ବିହନ ବ୍ୟବହାର ଏବଂ ବିହନ ସଂରକ୍ଷଣ ପଦ୍ଧତି ସମ୍ବନ୍ଧରେ ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବା ସହିତ ଏହି ପଦ୍ଧତିକୁ ସବୁଦିନ ଆପଣାଇବା ପାଇଁ ଗୁରୁତ୍ୱାରୋପ।



- ❖ ସମନ୍ୱିତ କୃଷି ଭିତ୍ତିକ ନର୍ସରୀ ପ୍ରସ୍ତୁତ କରିବା ଯଥା- ଫଳଗଛ, କାଠଗଛ, ପଶୁଖାଦ୍ୟ, ଜାଳେଣୀ ଏବଂ ବନୌଷଧୀ ଗଛ ଏବଂ ଛୋଟଛୋଟ ବାଡି ବୃକ୍ଷ ରୋପଣ କରିବାର ଆଗ୍ରହ ସୃଷ୍ଟି।
- ❖ ପଞ୍ଚାୟତରାଜ ବ୍ୟବସ୍ଥାକୁ ସଶକ୍ତିକରଣ କରିବା।



- ❖ ପ୍ରତ୍ୟେକ ୱାର୍ଡରେ ଆବାଳ ବୃଦ୍ଧବନିତାକୁ ଏଲ୍‌ସିଡି ସୋ ମାଧ୍ୟମରେ ବିଭିନ୍ନ ଦିଗ ଉପରେ ଜନସଚେତନତା ସୃଷ୍ଟି କରିବା।
- ❖ ବିଦ୍ୟାଳୟରେ ବିଦ୍ୟାଳୟ ବଗିଚ୍ଚ ସୃଷ୍ଟି କରିବା, ବିଭିନ୍ନ ଫଳ, ପନିପରିବା ଗଛ ଲଗାଇବାକୁ ଆଗ୍ରହ ସୃଷ୍ଟି କରିବା, ମୁଖ୍ୟତଃ ଗଛ ଲଗାଇବାର ମନବୃତ୍ତି ଜାଗ୍ରତ କରିବା।

## ତାଲିମ କାର୍ଯ୍ୟକ୍ରମ ( Training for Apprentices)

ସମସ୍ତ ଶିକ୍ଷାନବୀଶ୍‌ମାନଙ୍କୁ ସଂସ୍ଥା ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ଶିକ୍ଷା/ତାଲିମ ଯଥା- ନର୍ସରୀ ପ୍ରସ୍ତୁତ, କଟିଂ, ଜିଆକୁଣ୍ଡ ପ୍ରସ୍ତୁତ, ଆଜୋଲା କୁଣ୍ଡ ପ୍ରସ୍ତୁତ, ନାଦେବ କମ୍ପୋଷ୍ଟ ପିଟ୍, ତରଳ ଜୈବିକଖତ, ପନିପରିବା ମଞ୍ଜିର ଚାରାଦେବା ବେଡ୍ ଏବଂ ଚାରା ଦେବା ପ୍ରଣାଳୀ ଆଦି ତାଲିମ୍ ଦିଆଯାଇଅଛି । ଶିକ୍ଷନବୀଶ୍ ନିଜେ ନିଜସ୍ୱ ପ୍ରଚେଷ୍ଟାରେ କଲମୀ କଟିଂ ବା ନର୍ସରୀରେ ବିଭିନ୍ନ 'ଫଳଗଛ, ଜିଆକୁଣ୍ଡରେ ଜିଆଖତ ବିକ୍ରିକରି ପରିବାର ଜୀବନ ଜୀବିକାର ମାନ ବୃଦ୍ଧି କରିବା ସହିତ ସ୍ୱରୋଜଗାରକ୍ଷମ ଓ ଆତ୍ମ ନିର୍ଭରଶୀଳ ହୋଇ ପାରିବ ।





## କାର୍ଯ୍ୟକ୍ରମ ଚାଲିଥିବା ତଲଖ ପୋଖରୀ ଗ୍ରାମ ପଞ୍ଚାୟତ ସମ୍ବନ୍ଧରେ (Talakpokhari at a glance)

ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ କୁସୁମୀ ବ୍ଲକ୍ କାର୍ଯ୍ୟାଳୟଠାରୁ ମାତ୍ର ୪ କି.ମି. ଦୂରରେ ତଲଖପୋଖରୀ ଗ୍ରାମ ପଞ୍ଚାୟତ ଅବସ୍ଥିତ । ଏହେତୁ ଇନିସିଏଟିଭସ୍, କଲିକତା ଓଡିଶା ରାଜ୍ୟରେ ପ୍ରଥମ ଭାବେ କୁସୁମୀ ବ୍ଲକ୍‌ର ତଲଖପୋଖରୀ ଗ୍ରାମ ପଞ୍ଚାୟତକୁ ନିଜର କାର୍ଯ୍ୟସ୍ଥଳୀ କରିଥିବାରୁ ପଞ୍ଚାୟତବାସୀ ନିଜକୁ ଗୌରାବାନ୍ୱିତ ମନେକରନ୍ତି ।



## ତଲଖପୋଖରୀ ଗ୍ରାମ ପଞ୍ଚାୟତ ବିବରଣୀ

ଗ୍ରାମ ପଞ୍ଚାୟତର ନାମ : ତଲଖପୋଖରୀ ଗ୍ରାମ ପଞ୍ଚାୟତ

ମୋଟ ରାଜସ୍ୱଗ୍ରାମ ସଂଖ୍ୟା : ୧୧

ମୋଟ ଲୋକ ସଂଖ୍ୟା : ୫୬୧୧ (୨୦୧୧ ଜନଗଣନା ଅନୁସାରେ)

ମୋଟ ପରିବାର ସଂଖ୍ୟା : ୧୦୮୮

ମୋଟ ୱାଡ ସଂଖ୍ୟା : ୧୩



**ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା** (Poor Family Selection)

ଓଡିଶା ସରକାରଙ୍କ ୨୦୦୨ ମସିହାରେ **BPL** ସର୍ଭେ ଅନୁସାରେ '୦' ରୁ '୧୨' **Score** ଥିବା ତଲଖପୋଖରୀ ଗ୍ରା.ପ. ଅନ୍ତର୍ଗତ ୧୧ଟି ରାଜସ୍ୱ ଗ୍ରାମର ପରିବାରମାନଙ୍କୁ ଏହା ଖାଦ୍ୟ ସୁରକ୍ଷା, ଜୀବନଜୀବିକା ଓ ପୁଷ୍ଟିର ମାନ ଉନ୍ନୟନ (**F.S.**) କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଅଛି । ସଂସ୍ଥା ଦ୍ୱାରା ନିୟୋଜିତ ୨ ଜଣ କ୍ଷେତ୍ର କର୍ମଚାରୀ ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ଯାଇ ଘରକୁ ଘର ଯାଇ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିଥିଲେ । ଭୁଲବଶତଃ ସରକାର ସର୍ଭେରେ ବାଦ୍ ପଡିଥିବା ଗରିବ ପରିବାରକୁ ମଧ ସାମିଲ କରାଯାଇଅଛି ।

**ବିଭିନ୍ନ ରାଜସ୍ୱ ଗ୍ରାମର ହିତାଧିକାରୀ**

| କ୍ର.ନଂ | ରାଜସ୍ୱଗ୍ରାମ | ମୋଟ ପରିବାର ସଂଖ୍ୟା | ମୋଟ ହିତାଧିକାରୀ ପରିବାର ସଂଖ୍ୟା |
|---|---|---|---|
| ୧ | ଭାଦୁସାହି | ୫୯ | ୫୯ |
| ୨ | ତଲଖପୋଖରୀ | ୧୧୩ | ୫୦ |
| ୩ | ବାଗ୍‌ଡେଗା | ୬୧ | ୫୭ |
| ୪ | ଟିଣାପୋଷି | ୬୩ | ୨୪ |
| ୫ | ବାଦାମ ଚାଉଁରାଡି | ୧୧୦ | ୬୬ |
| ୬ | କଣ୍ଟାସୋଲା | ୭୫ | ୩୭ |
| ୭ | ବଡଜୟୀଦନପୋଷି | ୬୬ | ୪୦ |
| ୮ | ଦୁଧିଝରଣ | ୮୮ | ୭୫ |
| ୯ | ଦିଘିଆବେଡା | ୯୬ | ୫୯ |
| ୧୦ | ପାହାଡପୁର | ୧୩୨ | ୮୭ |
| ୧୧ | ଭଣ୍ଡନ | ୨୨୫ | ୧୮୪ |





## କ୍ଷେତ୍ର ପରିଚାଳନା (Implementation of field Level Activity)

ଏହି "ଖାଦ୍ୟ ସୁରକ୍ଷା, ପୁଷ୍ଟିର ମାନ ଉନ୍ନୟନ" କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଦୁଇଜଣ କ୍ଷେତ୍ର କର୍ମଚାରୀ କାର୍ଯ୍ୟରତ । ଉକ୍ତ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାରର ସର୍ଭେକାମ, ସଞ୍ଚାଳନ ଓ ରିପୋର୍ଟିଂକାମ, ବିଭିନ୍ନ କାର୍ଯ୍ୟାଳୟ ସହିତ ଯୋଗାଯୋଗକାମ, ବିଭିନ୍ନ ଜିନିଷ/ସରଞ୍ଜାମ ନେବା ଆଣିବା କାମ ଏହି କ୍ଷେତ୍ର କର୍ମଚାରୀ କରିଥାନ୍ତି ।

ତାଛଡା ଖାଦ୍ୟ ସୁରକ୍ଷା, ଜୀବନଜୀବିକା ଓ ପୁଷ୍ଟିର ମାନ ଉନ୍ନୟନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ତଥା ତଦାରଖ କରିବା ନିମନ୍ତେ ପ୍ରତ୍ୟେକ ୱାର୍ଡ/ପଡାରେ ଜଣେ ଜଣେ, ଶିକ୍ଷିତ ବିବାହିତ ମହିଳାଙ୍କୁ ଗ୍ରାମ ପଞ୍ଚାୟତ ମାଧମରେ "ଶିକ୍ଷା ନବୀଶ" ରୂପେ ବଛାଯାଇ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଅଛି । ଶିକ୍ଷା ନବୀଶମାନେ ଗ୍ରାମ ପଞ୍ଚାୟତ ଦ୍ୱାରା ହେଉଥିବା ମାସିକ ବୈଠକ (ପ୍ରତି ମାସର ୧ ତାରିଖ ଦିନ) ରେ ଉପସ୍ଥିତ ରହି ନିଜ ଗାଁ ତଥା ନିଜ ପଞ୍ଚାୟତ ସଶକ୍ତିକରଣ ପାଇଁ ସୁଚିନ୍ତିତ ମତାମତ ଉପସ୍ଥାନ କରିବା ସହିତ ପ୍ରତ୍ୟକ୍ଷଭାବେ ଆଲୋଚନାରେ ଭାଗ ନିଅନ୍ତି । ପୁନଶ୍ଚ ପ୍ରତି ମାସର ୨୦ ତାରିଖ ଦିନ ମଧ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ଗ୍ରାମରେ ଚାଲିଥିବା ଖାଦ୍ୟ ସୁରକ୍ଷା, ଜୀବନ ଜୀବିକା ଓ ପୁଷ୍ଟିର ମାନ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି, ସମସ୍ୟା ବିଷୟରେ ପରସ୍ପର ଆଲୋଚନା କରନ୍ତି ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜାଣନ୍ତି ।









## ଋତୁ ଭିତ୍ତିକ ଚାଷ କାର୍ଯ୍ୟକ୍ରମର ଧାରା ଓ ପ୍ରସ୍ତୁତି (For Seassion based Cultivation)



ବର୍ଷସାରା ଜୈବିକ ପଦ୍ଧତିରେ ସମନ୍ୱିତ ଚାଷ ଅର୍ଥାତ ପନିପରିବା, ବିଭିନ୍ନ ଡାଲି, ତୈଳ ଓ ଶସ୍ୟ ଜାତୀୟ ଚାଷ କରି ନିଜେ ଖାଇଲେ ଖାଦ୍ୟ ସୁରକ୍ଷା, ପୁଷ୍ଟିର ମାନ ବୃଦ୍ଧି ହୁଏ।

ଏହା ବ୍ୟତୀତ ଉତ୍ପାଦିତ ବଳକା ଦ୍ରବ୍ୟ/ ଜିନିଷକୁ ବିକ୍ରିକଲେ ଆର୍ଥିକ ବିକାଶ ହୁଏ ଏବଂ ଜୀବନ ଜୀବିକାର ମାନଦଣ୍ଡ ମଧ ବୃଦ୍ଧି ହୁଏ।



ତେଣୁ ନିଶ୍ଚିତଭାବେ "ସମନ୍ୱିତ ଚାଷ ପ୍ରକ୍ରିୟା" ଏକ ଉତ୍ତମ ମାଧ୍ୟମ, ଯାହା ଗରିବ ପରିବାରର ଖାଦ୍ୟ ସୁରକ୍ଷା, ପୁଷ୍ଟିମାନର ଉନ୍ନୟନ ସହିତ ଜୀବନ ଜୀବିକାର ମାନ ବିକାଶ, ପରିବାର ତଥା ପଞ୍ଚାୟତ ସଶକ୍ତିକରଣ ଓ ମହିଳା ସଶକ୍ତିକରଣର ପରିପୂରକ ଅଟେ। ତେଣୁ ସଂସ୍ଥା ସମନ୍ୱିତ ଚାଷ ପଦ୍ଧତିକୁ ଆପଣାଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନରେ ବ୍ରତୀ।

ଖାଦ୍ୟ ସୁରକ୍ଷା, ପୁଷ୍ଟିର ମାନ ଉନ୍ନୟନ କାର୍ଯ୍ୟକ୍ରମରେ ସାଧାରଣତଃ ତିନୋଟି ଋତୁରେ ଯଥା- ପ୍ରାକ୍ ଖରିଫ ଖରିଫ ଓ ରବି ଋତୁରେ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି। ଗ୍ରାମର ମୁଖିଆ / ମାଝି ହାଲାମ୍ / ୱାଡ ସଭ୍ୟ/ ସଭ୍ୟା/ ଶିକ୍ଷାନବୀଶ ମାନଙ୍କ ଉପସ୍ଥିତିରେ ପ୍ରତ୍ୟେକ ୱାଡ /ପଡାରେ ଗୋଟିଏ ଋତୁ ପୂର୍ବରୁ ପରବର୍ତ୍ତୀ ଋତୁର କାର୍ଯ୍ୟକ୍ରମ ପାଇଁ ପ୍ରତି ଗ୍ରାମ / ପଡାରେ ବୈଠକ ଅନୁଷ୍ଠିତ ହୁଏ। ବୈଠକରେ ଉକ୍ତ ଋତୁରେ କେଉଁ ଧରଣର କାମ /ଚାଷ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରି ଋତୁ ଭିତ୍ତିକ ପ୍ରାକ୍ ପରିକଳ୍ପନା ପ୍ରସ୍ତୁତ କରାଯାଏ। ପରିକଳ୍ପନା ଅନୁଯାୟୀ ଗ୍ରାମର ଚିହ୍ନଟ ହିତାଧିକାରୀ ପରିବାର ମଧ୍ୟରୁ ଆବେଦନ ପତ୍ର ମାଧ୍ୟମରେ ଆବେଦନ କରିଥାନ୍ତି। ବଣ୍ଟନ କରିଥାନ୍ତି।

ଏହି ଆବେଦନ ପତ୍ର ଗୁଡିକ ଏକତ୍ରିତ କରି ଗ୍ରାମ ପଞ୍ଚାୟତ ସୁପାରିଶ କରି ଗ୍ରାମପଞ୍ଚାୟତରେ ସଂସ୍ଥାରେ ଓ ଏହେଡ୍ ଇନିସିଏଟିଭସ୍ କଲକତାଙ୍କ ଏକକିତା ନକଲଜମା ଦିଆହୁଏ। ପରବର୍ତ୍ତୀ ସମୟରେ ଏହେଡ୍ ଇନିସିଏଟିଭସ୍, କଲକତା ଆବଶ୍ୟକୀୟ ବିହନ /ସରଞ୍ଜାମ ଆଦି କ୍ରେଫଡ଼ା ସଂସ୍ଥା ମାଧ୍ୟମରେ ଉକ୍ତ ଗ୍ରାମ ପଞ୍ଚାୟତକୁ ଯୋଗାଇଥାନ୍ତି। ଗ୍ରାମ ପଞ୍ଚାୟତ ଗ୍ରାମର ୱାର୍ଡ ସଭ୍ୟ/ ସଭ୍ୟା ଏବଂ ଗାଁର ପାରମ୍ପାରିକ ମୁଖିଆ "ମାଝିହାଲାମ୍" ପୂର୍ବ ପ୍ରସ୍ତୁତି ମାଷ୍ଟର ରୋଲ୍ ଲିଷ୍ଟ ଅନୁଯାୟୀ ଆବେଦନ କରିଥିବା ହିତାଧିକାରୀ ପରିବାର / କାର୍ଯ୍ୟକାରୀ ଦଳ/ ସ୍ୱୟଂ ସହାୟକ ଦଳମାନଙ୍କୁ ଆସିଥିବା ବିହନ / ଅନ୍ୟାନ୍ୟ ସମାଗ୍ରୀ।

## ବିଗତ ତିନି ବର୍ଷ (୨୦୧୫-୧୭) ସମ୍ପାଦିତ ହୋଇଥିବା କାର୍ଯ୍ୟକ୍ରମ ଗୁଡିକର ବିବରଣୀ (Three Years activity)

ଏହେଡ୍ ଇନିସିଏଟିଭସ୍, କଲକତା, କ୍ରେଫଣ୍ଡା ଯଶିପୁର ଏବଂ ପଲ୍ଲୀଶ୍ରୀ କ୍ଲବ୍, କୁମୁଡାଶୋଳ ଏବଂ ତଲଖପୋଖରୀ ଗ୍ରାମ ପଞ୍ଚାୟତର ପ୍ରତ୍ୟକ୍ଷ ସହଯୋଗ, ପ୍ରଚେଷ୍ଟା ଓ ଉଦ୍ୟମରେ ନିମ୍ନଲିଖିତ କାର୍ଯ୍ୟକ୍ରମ ସବୁ ସମ୍ପାଦନା ହୋଇଅଛି।



### ୧- ଘରୋଇ ବଗିଚ୍ଚ (ପୁଷ୍ଟି ବଗିଚ୍ଚ) (Home Garden)

ବିଗତ ୩ ବର୍ଷ ମଧ୍ୟରେ ତଲଖପୋଖରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୧ଟି ରାଜସ୍ୱ ଗ୍ରାମର ୧୩ଟି ଓ୍ୱାଡରେ ୫୬୦ଟି ଗରିବ ପରିବାର ଦୈନିକ ପଦ୍ଧତିରେ ୭,୮ ପ୍ରକାରର ପନିପରିବା ଚାଷ କରି ପାରିଛନ୍ତି। ୧୬୯ ଟି ପରିବାର ୧ ରୁ ୨ ଓ ୪ ପ୍ରକାରର ପରିବା ଚାଷ କରି ନିଜେ ଖାଇ ବଳକା ଉତ୍ପନ୍ନ ଜିନିଷ ବିକ୍ରି କରି ମଧ କିଛି ଆର୍ଥିକ ସାହାଯ୍ୟ ପାଇପାରିଛନ୍ତି।



### ୨ - ଫଳଗଛ ନର୍ସରୀ ଓ ବଣ୍ଟନ (Fruit nursery)

ତଲଖପୋଖରୀ ଗ୍ରାମ ପଞ୍ଚାୟତ ଅଧିନରେ କାର୍ଯ୍ୟରତ ୧୩ ଶିକ୍ଷା ନବୀଶ୍ ମଧ୍ୟରୁ ୧୨ଜଣ ଶିକ୍ଷାନବୀଶ୍ ବିଭିନ୍ନ ଫଳଗଛ ଯଥା- ଲେମ୍ବୁ, ଡାଳିମ୍ବ, ପପେୟା, ପଣସ ଓ ଆମ୍ବ ଗଛର ନର୍ସରୀ କରିଥିଲେ। ଶିକ୍ଷାନବୀଶ୍‌ମାନେ ନିଜନିଜ ଚାରାଗଛକୁ ପଲିଥିନ୍ ପ୍ୟାକେଟ୍ କରିଥିଲେ। ମୋଟ ଉପରେ ୧୨ ଜଣ ଶିକ୍ଷାନବୀଶ୍ ୨୮୪୨ ଚାରାଗଛ ପ୍ରସ୍ତୁତ କରିଥିଲେ ତନ୍ମଧ୍ୟରୁ ୧୧୬୨ଟି ପଲିପେକ୍ ଚାରାଗଛ ଗାଁର ଗରିବ ପରିବାରକୁ ବିତରଣ କରିଥିଲେ। ତାଛଡା ମୋଟ ୩୭୧ ହିତାଧିକାରୀ ପରିବାରକୁ ବିଭିନ୍ନ ଫଳଗଛଚାରା ଶିକ୍ଷାନବୀଶ୍ ମାଧ୍ୟମରେ ବଣ୍ଟନ କରାଯାଇଅଛି।





## ୩ - ଆମ୍ବଗଛ ରୋପଣ (Mango orchar )




ଭାଦୁ ସାହିରେ ଥିବା ସର୍ବସାଧାରଣ ପୋଖରୀ ହିଡରେ ହିତାଧିକାରୀ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୬୦ଟି ଆମ୍ବଗଛ ରୋପଣ କରିଛନ୍ତି । ଆମ୍ବଚାରା ଗୁଡିକ  ଗ୍ରାମ ପଞ୍ଚାୟତ ଯୋଗାଇ ଦେଲାପରେ ଶିକ୍ଷାନବୀଶ୍ ମାଧମରେ ଲଗାଇଛନ୍ତି ।

## ୪- ଡାଲିଜାତୀୟ ଚାଷ (Pulses cultivation)



ବିଗତ ୩ ବର୍ଷ ମଧରେ ତଲଖପୋଖରୀ ଗ୍ରାମ ପଞ୍ଚାୟତର ବର୍ଷା ଏବଂ ରବି ଋତୁରେ ବିଭିନ୍ନ ପ୍ରକାର ଡାଲି ବିହନ ଯଥା- ବିରି, ହରଡ, କୋଳଥ, ଖେସାରୀ, ମସୁରୀ, ବୁଟ (ଛୋଲା) ଗ୍ରାମପଞ୍ଚାୟତ ମାଧମରେ ବ୍ୟକ୍ତିଗତ ହିତାଧିକାରୀ ଏବଂ କାର୍ଯ୍ୟକାରୀ ଦଳକୁ ମୋଟ ୨ ୧ ୦ ପରିବାରଙ୍କୁ ଯୋଗାଇ ଦିଆଯାଇଥିଲା । ଆପାତତଃ ୨ ୭ ଏକର ୨ ୫ ଡେସିମିଲ ଜମିରେ ଏହା ଚାଷ କରି ମୋଟ ଉତ୍ପାଦନ ୧ ୧ ୮ ୦କି.ଗ୍ରା. ହୋଇଥିଲା ।

## ୫ - ତୈଳବୀଜ ଚାଷ (Oil Seed cultivation)



ବିଭିନ୍ନ ଗ୍ରାମର ୧ ୬ଟି କାର୍ଯ୍ୟକାରୀ ଦଳକୁ ବ୍ୟକ୍ତିଗତ ହିତାଧିକାରୀଙ୍କୁ ଟିସି, ସୋରିଷ ପଞ୍ଚାୟତ ମାଧମରେ ଯୋଗାଇ ଦିଆଯାଇଥିଲା । ମୋଟ ଅମଳ ୯୫ କି.ଗ୍ରା. ହୋଇଥିଲା ।

## ୬ - ବାଦାମ ଚାଷ (Ground nut)



ବିଗତ ୨୦୧୭ ବର୍ଷ କିଛି ଗରିବ ପରିବାରଙ୍କୁ ବାଦାମ ବିହନ ଗ୍ରାମପଞ୍ଚାୟତ ମାଧମରେ ଯୋଗାଇ ଦିଆଯାଇଥିଲା । ପ୍ରାୟ ୪୫-୫୦ ଡେସିମିଲ ଜମିରେ ବାଦାମ ଚାଷ କରି ହାରାହାରି ୭୦ କି.ଗ୍ରା. ବାଦାମ ଅମଳ କରିଥିଲେ ।

### ୭ - ମକା ଚାଷ (Maize cultivation)

୨୦୧୭ ବର୍ଷାଋତୁରେ ବଡଜୟାଦନ, ଟିଣାପୋଷି, ବାଦାମଚଡଉଁରାଡି ଗ୍ରାମରେ ଗରୀବ ହିତାଧିକାରୀମାନଙ୍କୁ ଦେଶି ଏବଂ ଉନ୍ନତ ମକା ବିହନ ଦିଆଯାଇଥିଲା । ସେମାନେ ଅନୁମାନିକ ୩ ଏକର ୫୦ ଡେସିମିଲ ଜାଗାରେ ଚାଷ କରିଥିଲେ



### ୮ - ମାଡ୍ରାସି ଅଲୁଓ ଚାଷ (Elephant Foot)

ପ୍ରଥମ ଥର ପାଇଁ ତଲଖିପୋଖରୀ ଗ୍ରାମ ପଞ୍ଚାୟତର ଭାଦୁସାହି ଶିକ୍ଷା ନବୀଶ୍ ଏବଂ ଗୋଡାସାହି ଶିକ୍ଷାନବୀଶ୍ ନିଜ ବାଡିରେ ମାଡ୍ରାସି ଆଲୁଓ ଚାଷ କରିଥିଲେ । ଗୋଟିଏ ଅଲୁଓର ଓଜନ ହାରାହାରି ପ୍ରାୟ ୭ ରୁ ୮ କି.ଗ୍ରା । ମୋଟ ୫୪,୫୬୦ କି.ଗ୍ରା ଉତ୍ପାଦନ ହୋଇଥିଲା ।



### ୯ - ବର୍ଷାଦିନିଆ ପିଆଜ ଚାଷ (Onion in rainy Seassion)

ଗତ ୨୦୧୬-୧୭ ବର୍ଷରେ ବର୍ଷା ଋତୁରେ ତିନୋଟି ଗ୍ରାମରେ ବର୍ଷା ଦିନିଆ ପିଆଜ ବିହନ ଯୋଗାଇ ଦିଆଯାଇଥିଲା । ଜଣେ ହିତାଧିକାରୀ ୪ ଡେସିମିଲ ଜାଗାରେ ଏହା ଚାଷ କରି ୪୦/୪୫ କି.ଗ୍ରା ପିଆଜ ଅମଳ କରିଥିଲେ



### ୧୧ - ଜିଆକୁଣ୍ଡ ଓ ଜିଆଖତ ବ୍ୟବହାର (Vermi compost)

ତଲଖିପୋଖରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୧ଟି ଗ୍ରାମର ଶିକ୍ଷା ନବୀଶ୍‌ମାନେ ନିଜନିଜ ବାଡିରେ ତାରପଲିନ୍ ଜିଆକୁଣ୍ଡ ତିଆରି କରିଛନ୍ତି । ଏହି ତାରପଲିନ୍ ଜିଆକୁଣ୍ଡ ଗୁଡିକ ସଂସ୍ଥା ତରଫରୁ ଗ୍ରାମପଞ୍ଚାୟତ ମାଧମରେ ଯୋଗାଇ ଦିଆଯାଇଅଛି । ଶିକ୍ଷାନବୀଶ୍‌ମାନେ ପ୍ରଦର୍ଶନ କ୍ଷେତ୍ର ରୂପେ ଏଥିରେ ଜିଆ ଛାଡି ଜିଆଖତ ପ୍ରସ୍ତୁତ କରି ବିଭିନ୍ନ ପନିପରିବା ଚାଷରେ ବ୍ୟବହାର କରୁଛନ୍ତି ଏବଂ ଅନ୍ୟାନ୍ୟ ଗ୍ରାମବାସୀମାନେ ମଧ ଏହା ଦେଖି ଜିଆଖତ ତଥା ଜୈବିକ ଖତର ମହତ୍ତ୍ୱ ଉପଲବ୍ଧି କରୁଛନ୍ତି ।



## ୧୨ - ଗଛ କଲମୀ (Cutting Grafting)



ବିଭିନ୍ନ ଗ୍ରାମର ଶିକ୍ଷାନବୀଶ୍‌ମାନେ ଲେମ୍ବୁ ଓ ପିଜୁଳି ଗଛର ଡାଳ କଲମୀ କାଟି କଲମୀ ଗଛ ପ୍ରସ୍ତୁତ କରି ପଲିଥିନ ପେକ୍ ୧୫୦ଟି କଲମୀ ଗଛ ଗରିବ ହାତାଧିକାରୀଙ୍କୁ ବଣ୍ଟନ କରିଛନ୍ତି ।

## ୧୩ - ଟିସୁ କଲଚର କଦଳୀ ଗଛ (Banana by tissue culture)



ଗ୍ରାମପଞ୍ଚାୟତ ମାଧମରେ ବିଭିନ୍ନ ଗ୍ରାମର ୩୬୦ ଗରିବ ହିତାଧିକାରୀମାନଙ୍କୁ ୩୬୦ଟି ଟିସୁ କଲଚର କଦଳୀ ଗଛ ଯୋଗାଇ ଦିଆହୋଇଅଛି ।

## ୧୪ - ଘୁଷୁରୀପାଳନ (Piggary)



ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତିନୋଟି ଗ୍ରାମରେ ଘୁଷୁରୀ ପାଳନ ୟୁନିଟ୍ (unit) କରାଯାଇଛି ଏବଂ ପ୍ରତ୍ୟେକ ୟୁନିଟ୍‌କୁ ୩ଟି କରି ଘୁଷୁରୀ ( ୨ ମାଈ ଓ ୧ ଅଣ୍ଡିରା ) ଦିଆଯାଇଛି । ସର୍ତ୍ତ ଓ ନିୟମାନୁଯାୟୀ ଘୁଷୁରୀ ଛୁଆ ଦେଲାପରେ ମୋଟ ଛୁଆର ଅଧାଛୁଆ ପଞ୍ଚାୟତକୁ ଫେରସ୍ତ କରିବେ ଏବଂ ଅଧା ନିଜେ ରଖିବେ । ଫେରସ୍ତ ଘୁଷୁରୀ ଛୁଆକୁ ଗାଁ ମୁଖିଆ ମାଝୀ ହାଳାମ୍ ଓ ଓ୍ୱାର୍ଡ ସଭ୍ୟ/ ସଭ୍ୟାଙ୍କ ନିଷ୍ପତ୍ତି ଅନୁସାରେ ଗାଁର ଅନ୍ୟ ଗରିବ ହିତାଧିକାରୀ ପରିବାରକୁ ବଣ୍ଟନ କରିବେ ।

## ୧୫ - ଛେଳି ପାଳନ (Gotary)



ତଲଖପୋଖରୀ ଗ୍ରାମ ପଞ୍ଚାୟତର ମୋଟ ୧୩ଟି ଓ୍ୱାଡରେ ୧୪ଜଣ ଗରିବ ହିତାଧିକାରୀଙ୍କୁ ୧୪ଟି ମାଈଛେଳି ଦିଆଯାଇଛି । ସଂସ୍ଥା ନିୟମାନୁଯାୟୀ ହିତାଧିକାରୀଙ୍କୁ ଦିଆ ଯାଇଥିବା ଛେଳିର ପ୍ରଥମ ଛୁଆକୁ ଗ୍ରାମ ପଞ୍ଚାୟତକୁ ଫେରସ୍ତ କରିବ ଏବଂ ତାହା ପରବର୍ତ୍ତୀ ସମୟରେ ଗାଁର ଆଉ ଜଣେ ଗରିବ ହିତାଧିକାରୀଙ୍କୁ ଦିଆଯିବ ।

## ୧୬ - ବଣରାଜ କୁକୁଡା ପାଳନ (Banraj)



ତଲଖପୋଖରୀ ଗ୍ରାମ ପଞ୍ଚାୟତର ୧୧ଟି ରାଜସ୍ୱ ଗ୍ରାମର ୧୩ଟି ୱାଡରେ ୱାଡପିଛା ୨ଜଣ ଗରିବ ହିତାଧିକାରୀ ପରିବାରଙ୍କୁ (୪) ଗୋଟି ଲେଖାଁଏ ବଣରାଜ କୁକୁଡା ଚିଆଁ ଦିଆଯାଇଅଛି ।

## ୧୭ - ଆଜୋଲା (Azola)



ଆଜୋଲା ଏକ ପ୍ଲାକ୍‌ଟନ୍ ଜାତୀୟ ଉଦ୍ଭିଦ ।

ଏହା ଖୁବ୍ ଶୀଘ୍ର ବଂଶ ବିସ୍ତାର କରେ । ଏହାକୁ ଦରଶୁଖା କରି ପଶୁପକ୍ଷୀର ଖାଦ୍ୟ ରୂପେ ବ୍ୟବହାର କରାଯାଏ । ତାଛଡା ଚାଷ ସମୟରେ କ୍ଷେତରେ ଦେଲେ ପରେ ଦୈନିକ ଖତ ରୂପେ କାମ କରେ । ସାହାଯ୍ୟରେ ଗ୍ରାମପଞ୍ଚାୟତ ମାଧ୍ୟମରେ ୧୨ଟି ଶିକ୍ଷାନବୀଶ, ୩ଟି ଘୁଷୁରୀ ହିତାଧିକାରୀ ଓ ୨ଟି ଛେଳିଚାଷ ହିତାଧିକାରୀ ମାନଙ୍କ ପାଇଁ ମୋଟ ୧୭ଟି ପଲିଥିନ ପିଟ୍ ଆଜୋଲା ଚାଷ ପାଇଁ ଦିଆଯାଇଅଛି

## ୧୮ - ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ପୁଷ୍ଟିର ମାନ ଚିହ୍ନଟ (BMI)



ପଞ୍ଚାୟତ ଇଲାକାରେ ଓ ୨ଟି ବିଦ୍ୟାଳୟରେ ଛାତ୍ର/ଛାତ୍ରୀମାନଙ୍କର ପୁଷ୍ଟିର ମାନ ନିର୍ଦ୍ଧାରଣ କରାଯାଇଅଛି । ୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କେହି ଚରମ ପୁଷ୍ଟିହୀନତା ଶିଶୁ ନଥିଲେ । ହଳଦିଆ ସ୍ତର ଅଳ୍ପ କିଛି ଶିଶୁଙ୍କୁ ଚିହ୍ନଟ କରାଯାଇଥିଲା ।

## ୧୯ - ବିଦ୍ୟାଳୟ ପୁଷ୍ଟି ବଗିଚା (School Garden)



ବିଗତ ୩ ବର୍ଷ ମଧ୍ୟରେ ୪ଟି ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ପନିପରିବା ଚାରା ଏବଂ ବିହନ ସହାୟତା ଦିଆଯାଇଥିଲା । ଶିକ୍ଷକ ଓ ପିଲାମାନଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟରେ ଥିବା ବଗିଚାରେ ଏଗୁଡିକ ଚାଷ କରି ପିଲାମାନେ ଦୈନିକ ମଧ୍ୟାହ୍ନ ଭୋଜନରେ ବ୍ୟବହାର କରିଛନ୍ତି ।

## ୨୦. କ୍ଷେତ୍ର ପରିଦର୍ଶନ ( Exposure Visit)









ନୂତନ ଜୈବିକ ପଦ୍ଧତି ଚାଷ, ଆଜୋଲା ଓ ଆଜୋଲା କୁଣ୍ଡ, ଜିଆଚାଷ କୁଣ୍ଡ ଓ ଜିଆଖତ, ନର୍ସରୀ ପ୍ରସ୍ତୁତ, ବର୍ଷା ଦିନିଆ, ପିଆଜ ଚାଷ, ବିନା ଲଙ୍ଗଳରେ ବିଲ ହିଡରେ ବିରିଚାଷ, ବିଦ୍ୟାଳୟ ପୁଷ୍ଟି ବଗିଚା, ଘରୋଇ ପନିପରିବା ବଗିଚା. ମାଡ୍ରାସି ଅଲୁଓ ଚାଷ ଆଦି ଦେଖିବା ପାଇଁ ବିଭିନ୍ନ ଦପ୍ତରର ଅଧିକାରୀ /ଲୋକ ଯଥା- ବ୍ଲକ୍ ସ୍ତର ବିଡିଓ, ଏପିଓ, ପଞ୍ଚାୟତ ସ୍ତର- ପଞ୍ଚାୟତ ଅଧିକାରୀ, ସରପଞ୍ଚ, ପିଏସ୍ ମେମ୍ବର, ୱାର୍ଡ ମେମ୍ବର, ଗାଁର ପାରମ୍ପରିକ ମୁକ୍ୟ ମାଝୀ ହାଲାମ୍ ଓ ଅନ୍ୟାନ୍ୟ ଗାଁ ଚାଷୀମାନେ ଏହି ଖାଦ୍ୟ ସୁରକ୍ଷା, ପୁଷ୍ଟିରମାନ ଉନ୍ନୟନ ଯୋଜନା ମାଧମରେ ହେଉଥିବା ଉପରୋକ୍ତ ଚାଷ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ । ତାଛଡା କଲିକତାସ୍ଥିତ ଏହେଡ୍ ଏନିସିଏଟିଭସ୍ ସଂସ୍ଥାର କର୍ମକର୍ତ୍ତା, ଆର୍ଥିକ ସାହାଯ୍ୟ ଦେଉଥିବା ଡେନ୍‌ମାର୍କ ଟିମ୍, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବିଶିଷ୍ଟ ଆଦିବାସୀ କଳାକାର, ଅବୈତନିକ ବନ୍ୟପ୍ରାଣୀ ସଭ୍ୟ ତଥା ସମାଜସେବୀ ଶ୍ରୀଯୁକ୍ତ ଚକ୍ରଧର ହେମ୍ବ୍ରମ, ଯଶିପୁର ଶିଶୁ ସୁରକ୍ଷା ଓ ଅଇଥାନର ସହ ସଂଯୋଜକ ମଧ ବିଭିନ୍ନ ସମୟରେ କ୍ଷେତ୍ର ପରିଦର୍ଶନରେ ଆସିଥିଲେ ।

## ୨୧. ବିହନ ଫେରସ୍ତ, ସଂଗ୍ରହ ଓ ସଂରକ୍ଷଣ ( Seed preservation, seed Collection & Seed Processing)

ଜମି ଚାଷ କ୍ଷେତ୍ରରେ ହିତାଧିକାରୀଙ୍କୁ ପଞ୍ଚାୟତ ମାଧମରେ ବିହନ ଅମଳ କଲା ପରେ ସମପରିମାଣର ବିହନ, ଶିକ୍ଷା ନବୀଶ୍‌କୁ ଫେରସ୍ତ କରନ୍ତି । ଫେରସ୍ତ ହୋଇଥିବା ବିହନର ଅଧା ଶିକ୍ଷା ନବୀଶ୍ ରଖେ ବାକି ଅଧା ସଂରକ୍ଷଣ କରି ରଖେ ଏବଂ ପରବର୍ତ୍ତୀ ଋତୁରେ ଗାଁର ଅନ୍ୟ ହିତାଧିକାରୀ ପରିବାରକୁ ଦିଏ । ଏହିପରି କୁକୁଡା, ହଂସ ପକ୍ଷୀ କ୍ଷେତ୍ରରେ ଦେଢଗୁଣ ଏବଂ ଛେଳି, ମେଣ୍ଢା ଓ ଘୁଷୁରୀ-ପଶୁ କ୍ଷେତ୍ରରେ ଦୁଇଗୁଣ ହିତାଧିକାରୀଙ୍କୁ ଫେରସ୍ତ ଦେବାକୁ ପଡିଥାଏ । ଶିକ୍ଷାନବୀଶ୍ ନିୟମିତ ପରାମର୍ଶ ଓ ତଦାରଖି କାର୍ଯ୍ୟ କରନ୍ତି ।





## ୨୨. ଖାଦ୍ୟ ସୁରକ୍ଷା, ଜୀବନଜୀବିକା ଓ ପୁଷ୍ଟିର ମାନ ଉନ୍ନୟନ କାର୍ଯ୍ୟକ୍ରମର ପ୍ରଭାବ ( Impact)

ବର୍ଷସାରା ସବୁଜ ପନିପରିବା ଖାଇବା ସହିତ ଋତୁ ଭିତ୍ତିକ ତୈଳବୀଜ ଓ ଡାଲି ଜାତୀୟ ଖାଦ୍ୟର ବ୍ୟବହାର ବଢିଛି । ତା ଦ୍ୱାରା ଖାଦ୍ୟର ମାନ, ପୁଷ୍ଟିର ମାନ ବୃଦ୍ଧି ସହିତ ଜୀବନ ଜୀବିକାର ଅଭିବୃଦ୍ଧି ଘଟିଛି ।

ପୁଷ୍ଟି ସଂପର୍କିତ ସଚେତନତା ବଢୁଛି ଏବଂ ନିଜନିଜ ଘରୋଇ ବଗିଚ୍ଚା/ବାଡି ବଗିଚ୍ଚା କରି ସବୁଜ ପନିପରିବା ଚାଷର ଆଗ୍ରହ ସୃଷ୍ଟି ହେଉଅଛି । କୁକୁଡା, ହଂସ, ଛେଳି, ଘୁଷୁରୀ ଆଦି ପଶୁପକ୍ଷୀ ଚାଷ ପ୍ରତି ଲୋକମାନଙ୍କର ଆଗ୍ରହ ବଢିଛି ।





ପଡିଆ ପଡିଥିବା ଜମି, ଅନାବାଦି ଜମି, ପଡିଆ, ପାହାଡିଆ ଜମି, ବନ୍ଧ/ ପୋଖରୀହିଡ ଓ ବିଲ ହିଡରେ ବିଭିନ୍ନ 'ଫସଲ ହେବାରୁ ପ୍ରାକୃତିକ ସଂପଦର ସୁବ୍ୟବହାର ବଢିଛି । ଆଜୋଲା ଚାଷ ପଶୁପକ୍ଷୀ ମାନଙ୍କର ବିକଳ୍ପ ଖାଦ୍ୟରୂପେ ଗଣିତ ହେବାରୁ ପଶୁ ଖାଦ୍ୟାଭାବର ଅସୁବିଧା ଦୂର ହୋଇଛି ।





ଜୈବିକ ପଦ୍ଧତି ଚାଷ ଓ ପ୍ରୟୋଗ ସମ୍ପର୍କରେ ଲୋକମାନଙ୍କ ମଧରେ ସଚେତନତା ବଢିଛି । ଜିଆକୁଣ୍ଡ କରି ଜିଆଖତ-ଜୈବିକ ଖତର ବ୍ୟବହାର ଧିରେଧିରେ ବଢୁଅଛି । ଗରୀବ ପରିବାର ହିତାଧିକାରୀମାନେ ନିଜନିଜ ପାଇଁ ବିହନ ସଂରକ୍ଷଣ କରୁଛନ୍ତି ଏବଂ ବିହନ ଫେରସ୍ତ କରିବାର ଅଭ୍ୟାସ ବଢୁଅଛି ଯାହା ଫଳରେ କି ବିହନ ପାଇଁ ଅନ୍ୟ କାହା ଉପରେ ନିର୍ଭର କରୁନାହାନ୍ତି । ଫଳଗଛ ନର୍ସରୀ ପ୍ରସ୍ତୁତ ଏବଂ ଫଳଗଛ ଲଗାଇବା ମନୋଭାବ ଗରିବ ଲୋକମାନଙ୍କର ବଢିଛି । ଶିକ୍ଷାନବୀଶ୍ ପ୍ରତି ଲୋକମାନଙ୍କର ବିଶ୍ୱାସ ବଢିଛି ।

ଶିକ୍ଷାନବୀଶ୍‌ମାନେ ଗ୍ରାମ ପଞ୍ଚାୟତରେ ପ୍ରତି ମାସରେ ପହିଲା ( ୧ ତାରିଖ ଦିନ ) ରେ ସାଧାରଣ ବୈଠକରେ ଯୋଗ ଦେଇ ନିଜ ନିଜ ଗ୍ରାମର ଭଲମନ୍ଦ/ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନାରେ ପ୍ରତ୍ୟକ୍ଷ ଭାଗିଦାରୀ ହେଉଛନ୍ତି । ତାଛଡା ମାସର ୨୦ ତାରିଖ ଦିନ ମଧ ସମସ୍ତ ଶିକ୍ଷାନବୀଶ୍ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଶିକ୍ଷାନବୀଶ ସଭା କରିବା ଫଳରେ ନିଜ ନିଜର କାର୍ଯ୍ୟର ସମୀକ୍ଷା, ଭୁଲଭଟକା ଜାଣୁଛନ୍ତି । ତାଛଡା ନିଜର ଆତ୍ମ ବିଶ୍ୱାସ, ଜାଣିବା, କହିବାର ଅଧିକାର, ନେତୃତ୍ୱ ବିକାଶ ସମ୍ବନ୍ଧରେ ଅଧିକରୁ ଅଧିକ ଜ୍ଞାନ ଆହୋରଣ ଫଳରେ ଶିକ୍ଷା ନବୀଶ୍‌ମାନେ ଜଣେ ଜଣେ ଏ ଦେଶର ସଚେତନ ନାଗରିକ (ନାରୀ) ହେବାର ପ୍ରୟାସ୍ ଜାରିରଖିଛନ୍ତି ।

ଗ୍ରାମ ପଞ୍ଚାୟତ ଓ ଗ୍ରାମ ସ୍ତରରେ ଥିବା ନିର୍ବାଚିତ ପ୍ରତିନିଧି, ସାଧାରଣ ଜନତା ମଧରେ ନିବିଡତା ଏବଂ ଯୋଗାଯୋଗ ବଢୁଅଛି । ଏଇ ନିବିଡତା-ସୁସମ୍ପର୍କ ଯୋଗାଯୋଗର ପୋଲ ବା ସେତୁଭାବେ ଶିକ୍ଷା ନବୀଶର ମୁଖ୍ୟ ଭୂମିକା ରହିଛି । ଶିକ୍ଷାନବୀଶ ଗାଁ ଲୋକମାନଙ୍କୁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟ ଶିକ୍ଷାଦେବାରୁ ଲୋକମାନଙ୍କର ଜ୍ଞାନ, ଦକ୍ଷତା ବଢୁଅଛି, ଯାହା ଫଳରେ ଶିକ୍ଷା ନବୀଶ୍‌ମାନଙ୍କର ସାମାଜିକ ମର୍ଯ୍ୟାଦା, ସମ୍ମାନ ଦିନକୁ ଦିନ ବଢିଚାଲିଛି ।

୨୩. ଆଗାମୀ ଦିନର  କାର୍ଯ୍ୟକ୍ରମର ( Future plan)



କୁସୁମୀ ପଞ୍ଚାୟତ ସମିତି ର ଅଧକ୍ଷା ତଥା ଜିଲ୍ଲା ପରିଷଦ ସଦସ୍ୟା ଏବଂ ସମସ୍ତ ଜନ ପ୍ରତିନିଧି ଓ ଜନସାଧାରଣଙ୍କ ସହଯୋଗ, ଆଗ୍ରହ ହେତୁ ଆଗାମୀ ୨୦୧୯ ଜାନୁଆରୀ ମାସରୁ ସମସ୍ତ ୧୪ଟି ଗ୍ରାମପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ସହିତ ( After School) କାର୍ଯ୍ୟକ୍ରମ କରାହେବ ବୋଲି ନିଷ୍ପତ୍ତି ଓ ଚୁକ୍ତି ନାମା ହୋଇଅଛି ।





*ମନୁଷ୍ୟ ପାଖକୁ ଯାଅ*

*ତାଙ୍କ ମଧ୍ୟରେ ରହ*

*ମନୁଷ୍ୟର କାର୍ଯ୍ୟକୁ ଶିଖ*

*ତାଙ୍କର ଜ୍ଞାନ,  ଭିଜ୍ଞତାରୁ ଆରମ୍ଭ କର*

*ମନୁଷ୍ୟ ପାଖରେ ଯାହାଅଛି ତାହାକୁ ସମୃଦ୍ଧି କର,*

*ମନେରଖ.........ଭଲ ନେତା ସିଏ*

*ଯାହାର କାର୍ଯ୍ୟ ଶେଷ, ହେଲେ*

*ମନୁଷ୍ୟ କହେ ଯେ, ଆମେ କରିଛୁ ।*



ସରପଞ୍ଚ -

ଶ୍ରୀମତୀ ସୁକୁମତୀ ଟୁଡୁ

## ୱାର୍ଡ ସଭ୍ୟ/ସଭ୍ୟା-

୧. ଶ୍ରୀମତୀ ସେବତୀ ମାଣ୍ଡି

୨. ଶ୍ରୀମତୀ ସୁମୀ ସୁର୍ମୁ

୩. ଶ୍ରୀମତୀ ପ୍ରମିଳା ହାଁସଦାଃ

୪. ଶ୍ରୀମତୀ ଶାନ୍ତି ମାଝୀ

୫. ଶ୍ରୀମତୀ ପ୍ରତିଭା ମହାନ୍ତ

୬. ଶ୍ରୀଯୁକ୍ତ ଚୈତନ ସୁର୍ମୁ

୭. ଶ୍ରୀମତୀ ନୋହାମଣି ସୁର୍ମୁ

୮. ଶ୍ରୀଯୁକ୍ତ ବାଲିଆ ସୋରେନ୍

୯. ଶ୍ରୀମତୀ ଦୁସୁମତି ସିଂ

୧୦. ଶ୍ରୀମତୀ ଜୁନି ଚାତାର

୧୧. ଶ୍ରୀମତୀ ଧୁଜିମଣି କିସ୍କୁ

୧୨. ଶ୍ରୀମତୀ ଦ୍ରୋପଦୀ ପାତ୍ର

୧୩. ଶ୍ରୀମତୀ ଲକ୍ଷ୍ମୀ ସିଂ



AHEAD Initiatives

*Addressing Hunger Empowerment and Development*